# "ଆଜିକାଲି ପିଲାମାନେ ବିୟର ସିଗାରେଟ୍ ନେବା ଏକ ସାଧାରଣ କଥା" !

ମୋର ନାମ ଶତ୍ରୁଘ୍ନ ମହାପାତ୍ର (ଛଦ୍ମନାମ) । ଘର ନୟାପଲ୍ଲି ଥାନା ଅନ୍ତର୍ଗତ ଭୁବନେଶ୍ୱରରେ । ମୁଁ ଏକ ବ୍ୟାଙ୍କ୍‌ରେ ଚାକିରୀ କରୁଥିଲି । ମୋର ଦୁଇଟି ପୁଅ ଓ ଗୋଟିଏ ଝିଅ । ଝିଅର ବିବାହ ସରିଯିବା ପରେ ପୁଅର ବିବାହ ପାଇଁ ମନସ୍ଥ କରିଥିଲି । ପୁଅ ମୋର ବାଙ୍ଗାଲୋର୍‌ରେ ସଫ୍ଟୱୟାର୍ ଇଞ୍ଜିନିୟର୍ ଭାବରେ କାର୍ଯ୍ୟ କରୁଥିଲା । ବିବାହ ପାଇଁ ଆମେ ସ୍ୱାମୀ ସ୍ତ୍ରୀ ଜଣେ ସାଧାରଣ ଘର ଝିଅଟିଏ ପାଇଁ ଖୋଜାଲୋଡ଼ା କରୁଥିଲୁ । ଏହି ସମୟରେ ଜୈନିକ ମଧ୍ୟସ୍ଥିଙ୍କ କହିବା ଅନୁଯାୟୀ ଜଣେ ଡାକ୍ତରଙ୍କର ଝିଅ ସହିତ ପୁଅର ବିବାହ ସ୍ଥିର ହୋଇଥିଲା । କୌଣସି ଜାନି ଯୌତୁକ ନନେଇ ବିବାହ କରିବା ଆମର ଉଦ୍ଦେଶ୍ୟ ଥିଲା ଏବଂ ଝିଅର ବାପାଙ୍କୁ ମଧ ତାହା କୁହାଗଲା । ମାତ୍ର ତା–୧୩-୧୨-୨୦୧୫ରିଖ ଦିନ ପୂର୍ବରୁ ମୋର ସମୁଦି ତିନି ଲକ୍ଷ ଟଙ୍କାର ଏକ ବ୍ୟାଙ୍କ୍ ଚେକ୍ ଆଣି ମୋ ହାତରେ ଧରାଇ ଦେଇଥିଲେ । ବିବାହ କାର୍ଯ୍ୟ ସୁରୁଖୁରୁରେ ସମାପ୍ତ ହୋଇଥିଲା । ବିବାହ ପରେ ପୁଅ ବୋହୁ ଓ ଆମେ ସ୍ୱାମୀ ସ୍ତ୍ରୀ ବାଙ୍ଗାଲୋର୍‌ରେ ମୁଁ କିଣି ଥିବା ଘରକୁ ଗଲୁ । ସେଠାରେ ମାତ୍ର କେଇଦିନ ପରେ ପୁଅ ବୋହୁଙ୍କ ମଧ୍ୟରେ ପାଟିତୁଣ୍ଡ ହେଲା । କଣ ଘଟଣା ବୋଲି ଉଭୟଙ୍କୁ ଡାକି ପଚାରିବାରୁ ବୋହୁ କହିଲା, ଆପଣମାନେ ପାରିବାରିକ ଆଇନ୍ ଜାଣିଛନ୍ତି ନା ନାହିଁ । ପାଟିତୁଣ୍ଡ ବେଶିକଲେ ମାମୁଁଘର ଦେଖାଇ ଦେବି । ନୂଆ ବୋହୁଟିର ପାଟିରୁ ଏଭଳି କଥା ଶୁଣିଆମେ ସ୍ୱାମୀ ସ୍ତ୍ରୀ ସମ୍ପୂର୍ଣ୍ଣ ହତବାକ୍ ହୋଇଯାଇଥିଲୁ । ପୁଅକୁ ଘଟଣା ବିଷୟ ପଚାରିବାରୁ ପୁଅ କହିଲା, ସ୍ତ୍ରୀ ଚାହୁଁଛି ବିଭିନ୍ନ ପାର୍ଟି ଆଟେଣ୍ଡ୍ କରିବାପାଇଁ । ଯାହା ମୋ ଦ୍ୱାରା ଅସମ୍ଭବ ଅଟେ । କାରଣ ପାର୍ଟି ଅର୍ଥାତ୍ ସନ୍ଧ୍ୟାରେ ସେ ଯାଇ ବିଅର ପିଇବାକୁ ଚାହୁଁଛି । ବୋହୁର ବାପା ଅର୍ଥାତ୍ ମୋର ସମୁଦିଙ୍କୁ ଫୋନ୍ କରିବାରୁ ସେ ହଠାତ୍ କହିଲେ, ଆପଣଙ୍କ ଭଳି ନେଭେଡ଼ା ବାପା ମା ବିରଳ । ପୁଅ ବୋହୁଙ୍କର ଅନିଚ୍ଛା ସତ୍ତ୍ୱେ ଆପଣ ସେଠି କଣ ପାଇଁ ରହିଛନ୍ତି । ସମୁଦିଙ୍କୁ ଝିଅ କଥା କହିବାରୁ ସେ ତାଚ୍ଛଲ୍ୟ କରି କହିଲେ, ଆପଣ କୋଉ ଯୁଗର ଲୋକ "ଆଜିକାଲି ପିଲାମାନେ ବିୟର ସିଗାରେଟ୍ ନେବା ଏକ ସାଧାରଣ କଥା" । ଆପଣ ଜାଣିଶୁଣି ପୁଅ ବୋହୁଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିବାପାଇଁ ଚାହୁଁଛନ୍ତି । ଏକଥା ଶୁଣିଲା ପରେ ଆମେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲୁ । ପୁଅ ବୋହୁଙ୍କ ପାଖରେ ରହିବା କଣ ପାପ କି ବୋଲି ପଚାରିବାରୁ, ସେ ଉତ୍ତର ଦେଲେ ପାପ ନା ପୁର୍ଣ୍ୟ ସମୟ ଆସିଲେ ବୁଝାଇଦେବି । ଇତି ମଧ୍ୟରେ ସମୁଦି ଦେଇଥିବା ତିନି ଲକ୍ଷ ଟଙ୍କାର ଚେକ୍ କୁଆଡ଼େ ଗାଏବ୍ ହୋଇଯାଇଥିଲା । ବୋହୁ ସର୍ବଦା ପୁଅକୁ ପାସଙ୍ଗରେ ପକାଉନି ଅଭଦ୍ର ଭାଷାରେ ଗାଳିଗୁଲଜ୍ କରିବା ସହିତ ହାତ ଉଠାଇ ମାଡ଼ ମାରିବାକୁ ମଧ ପଛାଉନି । ଏହି ବିଷୟରେ ବାଙ୍ଗାଲୋର୍‌ରେ ଥାନାରେ ଅଭିଯୋଗ କରାଯାଇଥିଲା । ଓଡ଼ିଶାରେ ରାଜ୍ୟ ମହିଳା କମିଶନରେ ମଧ ଦରଖାସ୍ତ କରାଯାଇଛି । ଇତି ମଧ୍ୟରେ ପୁଅ ସବୁ ବେଳେ ମନଦୁଃଖରେ ଫୋନ୍ କରୁଛି ଏବଂ ପୁଅ କହୁଛି, ମୋତେ କେତେବେଳେ ସ୍ତ୍ରୀ ମୋର ମାରିଦେବ ତାହା କହି ହେଉନି । ଏଭଳି ପରିସ୍ଥିତିରେ ଆମେ ସ୍ୱାମୀ ସ୍ତ୍ରୀ ବହୁ କଷ୍ଟରେ ବଞ୍ଚିଛୁ । ଏ ଦେଶରେ ପୁରୁଷଙ୍କ ପାଇଁ ଆଇନ୍‌ର ଘୋର ଆବଶ୍ୟକତା ଦେଖା ଦେଇଛି........


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।